# NATIONAL NEWS BULLETIN (ODIA)

## 20 June 2026

## Midday Bulletin : 1.50 P.M.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୬୮ତମ ଜନ୍ମଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ପାହାଡ଼ପୁର ଗସ୍ତରେ ଆସିଛନ୍ତି ପ୍ରଧାନମନ୍ତ୍ରୀ ।

- ୪୭ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ନିଟ୍-ୟୁଜି ପୁନଃ ପରୀକ୍ଷା ପ୍ରସ୍ତୁତି ନେଇ ଆଜି ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ମକ୍‌ଡ୍ରିଲ ଆୟୋଜନ କରିଛି ଏନ୍‌ଟିଏ ।

- କୋଲକାତାର ରେଡ୍‌ରୋଡଠାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ ଆନ୍ତର୍ଜାତିକ ଯୋଗଦିବସର ମୁଖ୍ୟ ଜାତୀୟ କାର୍ଯ୍ୟକ୍ରମ ।

- ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ସ୍ୱିଜରଲ୍ୟାଣ୍ଡ ଗସ୍ତରେ ଗଲେ ଆମେରିକା ଓ ଇରାନ୍‌ର ପ୍ରତିନିଧି ।

ଏବଂ

- ଭାରତ-ଆଫଗାନିସ୍ତାନ ମଧ୍ୟରେ ପୁରୁଷବର୍ଗ ତୃତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଚେନ୍ନାଇଠାରେ ଜାରି ।

# ପିଏମ୍ ଭିଜିଟ୍ ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଭୂମି ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଗସ୍ତରେ ଆସିଛନ୍ତି । ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମଦିବସ ପାଳନ ଅବସରରେ ଶ୍ରୀ ମୋଦୀ ଏହି ଗସ୍ତରେ ଆସି କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ ।

ରାଷ୍ଟ୍ରପତି ମୁର୍ମୁଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାନ୍ତାଳି ଜାହେରା, ଗୋସାଣି ପୀଠ ଏବଂ ହୋ ଜାହେରା ଗସ୍ତ କରିବା ସହ ସେଠାରେ ପ୍ରାର୍ଥନା କରିଛନ୍ତି । ଦକ୍ଷତା ବିକାଶ କେନ୍ଦ୍ର ଏବଂ ପାହାଡ଼ପୁର ସ୍କୁଲ ସମେତ ସେଠାକାର ଅନ୍ୟକେତେକ ପ୍ରତିଷ୍ଠାନକୁ ମଧ୍ଧ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଛନ୍ତି । ଦକ୍ଷତାବିକାଶ କେନ୍ଦ୍ରଠାରେ ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଛନ୍ତି । ଜନଜାତି ଅଞ୍ଚଳରେ ସମାବେଶୀ ବିକାଶକୁ ଆଗେଇନେବା ସହିତ ଶିକ୍ଷା, ଦକ୍ଷତାବିକାଶ ଏବଂ ଗୋଷ୍ଠୀ ଅଂଶଗ୍ରହଣ ମାଧ୍ଧମରେ ସାମାଜିକ ପରିବର୍ତ୍ତନ ଉପରେ ଶ୍ରୀ ମୋଦୀ ଏହି କେନ୍ଦ୍ରଠାରେ ଆଲୋକପାତ କରିଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଯୋଗଦେବେ ।  ଏହି

ଅବସରରେ ଶକ୍ତି, ପରିବହନ, ଶିଳ୍ପ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଜଳସେଚନ ଏବଂ ପାନୀୟଜଳ ଭଳି ବିଭିନ୍ନ କ୍ଷେତ୍ରରେ ହେବାକୁଥିବା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ଏହି ପ୍ରକଳ୍ପଗୁଡ଼ିକ ପାଇଁ ୪୭ହଜାର ୬୦୦କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳ କରାଯାଇଛି । ରାଷ୍ଟ୍ରପତି ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଜନ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ଏନ୍‌ଟିଏ-ମକ୍‌ଡ୍ରିଲ

ଦେଶ ତଥା ବିଦେଶର କେତେକ ସ୍ଥାନରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ନିଟ୍-ୟୁଜି ପୁନଃ ପରୀକ୍ଷାର ପ୍ରସ୍ତୁତି ନେଇ ଆଜି ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ମକ୍‌ଡ୍ରିଲ୍‌ର ଆୟୋଜନ କରାଯାଇଛି । ସକାଳ ୯ଟାରୁ ଆରମ୍ଭ ହୋଇଥିବା ଏହି ପୂର୍ବାଭ୍ୟାସ ବିଭିନ୍ନ ପର୍ଯ୍ୟାୟରେ ଦିନସାରା ଜାରି ରହିବ । ଦେଶବ୍ୟାପୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଥିବା ଏହି ପ୍ରସ୍ତୁତିରେ ଅଢ଼େଇଲକ୍ଷରୁ ଅଧିକ ସୁରକ୍ଷା କର୍ମଚାରୀ ଅଂଶଗ୍ରହଣ କରୁଛନ୍ତି । ସୁରକ୍ଷିତ, ସୁଗମ ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏନ୍‌ଟିଏ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି

ସହରରେ ୨୨ଲକ୍ଷ ୭୯ହଜାରରୁ ଅଧିକ ଛାତ୍ରଛାତ୍ରୀ ଆସନ୍ତାକାଲି ଏହି ପରୀକ୍ଷା ଦେବେ । ଅପରାହ୍ଣ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବା ନେଇ ଏନ୍‌ଟିଏ ସୂଚନା ଦେଇଛି ।

## ଟ୍ରମ୍ପ-ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜଣେ ଦକ୍ଷ ଏବଂ ପ୍ରଭାବଶାଳୀ ନେତା ଭାବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି । ଚୀନ୍ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗଙ୍କ ସହ ଶ୍ରୀ ମୋଦୀ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମଧ୍ୟରେ ଅନ୍ୟତମ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି । ଆମେରିକାର ଏକ ନ୍ୟୁଜ୍ ପୋର୍ଟାଲ ସହ ସାକ୍ଷାତ୍‌କାର ଅବସରରେ ଶ୍ରୀ ଟ୍ରମ୍ପ କହିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତକୁ ସ୍ଥିରତା ପ୍ରଦାନ କରିଛନ୍ତି । ୧୨ବର୍ଷରୁ ଅଧିକ ସମୟ ଧରି କ୍ରମାଗତ ଭାବେ ଶ୍ରୀ ମୋଦୀ କ୍ଷମତାରେ ରହିବା ନେଇ ବର୍ଣ୍ଣନା କରିବା ସହ ରାଷ୍ଟ୍ରପତି ଟ୍ରମ୍ପ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି । ଶ୍ରୀ ଟ୍ରମ୍ପ କହିଛନ୍ତି ଦୁଇଦେଶ ମଧ୍ୟରେ ନିରନ୍ତର ବାଣିଜ୍ୟ ସମ୍ପର୍କ ଅବ୍ୟାହତ ରହିଛି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନ୍ତର୍ଜାତୀୟ ସ୍ତରରେ ଜଣେ ସମ୍ମାନସ୍ପଦ ବ୍ୟକ୍ତି ଏବଂ ତାଙ୍କର ସାର୍ବଜନୀନ ଶାନ୍ତ ଆଚରଣ ମଧ୍ୟରେ ନିଷ୍ପତ୍ତି ନେବାରେ ସେ ଅତ୍ୟନ୍ତ ଦୃଢ଼ ବୋଲି ବର୍ଣ୍ଣନା କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆନ୍ତର୍ଜାତିକ ଯୋଗ ଦିବସ ୨୦୨୬ ଆସନ୍ତାକାଲି ପାଳନ କରାଯିବ । 'ବାର୍ଦ୍ଧ୍ୟକରେ ସୁସ୍ଥତା ପାଇଁ ଯୋଗ' ପ୍ରସଙ୍ଗ ଆଧାରରେ ଏହି ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବ । ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଯୋଗର ଆବଶ୍ୟକତା ଉପରେ ଏହି ପ୍ରସଙ୍ଗ ଗୁରୁତ୍ୱ ପ୍ରଦାନ କରୁଛି । ଯୋଗଦିବସ ପାଳନର ଅଂଶସ୍ୱରୂପ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ସ୍ୱତନ୍ତ୍ର ଯୋଗଦିବସର ଆୟୋଜନ କରାଯାଉଛି । କୋଲକାତାର ଐତିହାସିକ ରେଡ୍ ରୋଡ଼ଠାରେ ମୁଖ୍ୟ ଜାତୀୟ ସମାରୋହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ । ମଧ୍ୟପ୍ରଦେଶର ଜବଲପୁରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେବେ ।

ଆକାଶବାଣୀ ସମ୍ବାଦ ବିଭାଗ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ସମାଜର ବିଭିନ୍ନ ବୟସର ଲୋକଙ୍କ ପାଇଁ ଯୋଗକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଅଣସଂକ୍ରମିତ ରୋଗଗୁଡ଼ିକ ପାଇଁ ପ୍ରମାଣ ଆଧାରିତ ଯୋଗ ନିୟମାବଳୀ ଆରମ୍ଭ କରାଯାଇଛି । ଶ୍ରୀ ଯାଦବ କହିଛନ୍ତି କାର୍ଯ୍ୟରତ ବୃତ୍ତିଗତଙ୍କ ପାଇଁ 'ୱାଇ ବ୍ରେକ୍' ନାମକ ଏକ ନୂତନ ଆପ୍‌କୁ ସରକାର ପ୍ରଚଳନ କରିଛନ୍ତି ।

**V/O (Prakash Rao Yadav)**

ଏହି ସ୍ୱତନ୍ତ୍ର ସାକ୍ଷାତ୍କାର କାର୍ଯ୍ୟକ୍ରମ ଆଜି ରାତି ୯ଟା ୧୫ ମିନିଟ୍‌ରେ ୧୦୦.୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲରେ ପ୍ରସାରଣ କରାଯିବ ।

# ୟୁଏସ୍ ଇରାନ୍-ସୁଇସ୍

ସ୍ୱିଜରଲ୍ୟାଣ୍ଡରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ ୱିଟ୍‌କଫ୍ ଓ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଅରଘାଚି ସେଠାକୁ ଗସ୍ତରେ ଯାଇଛନ୍ତି । ଦୁଇଦେଶ ମଧ୍ୟରେ ଗତକାଲି ଆଲୋଚନା ଆରମ୍ଭ ହେବାର ଥିଲା, କିନ୍ତୁ ଲେବାନନ୍‌ରେ ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ଚାଲିଥିବା ସଂଘର୍ଷ ପରିପ୍ରେକ୍ଷୀରେ ଏହାକୁ ସ୍ଥଗିତ ରଖାଯାଇଥିଲା । ତେବେ ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏବଂ କାତାରର ମଧ୍ୟସ୍ଥତାରେ ଏହି ବୁଝାମଣା ହୋଇଥିବା ଜଣାପଡିଛି । ଇରାନ୍ ମଧ୍ୟ ଏହି ବୁଝାମଣା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲା ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପଶ୍ଚିମ ଏସିଆରେ ସଂଘର୍ଷ ସମାପ୍ତ କରିବା ଲକ୍ଷ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ ଘୋଷଣା କରାଯାଇଥିବା ବୁଝାମଣାପତ୍ର ପରେ ଏହି ପରବର୍ତ୍ତୀ ଆଲୋଚନା ସମ୍ଭାବ୍ୟ ପରମାଣୁ ଚୁକ୍ତି ନେଇ କେନ୍ଦ୍ରୀଭୂତ ହେବାର ଆଶା ରହିଛି । ଆମେରିକାର ଜଣେ ଅଧିକାରୀଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତା ତଥା ଜ୍ୱାଇଁ ଜାରେଡ୍ କୁସନର୍ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସ୍ୱିଜରଲ୍ୟାଣ୍ଡରେ ରହିଛନ୍ତି । ଦୁଇପକ୍ଷ ମଧ୍ୟରେ କେବେ ଆଲୋଚନା ଆରମ୍ଭ ହେବ ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

# ବ୍ରିକ୍ସ ଏନ୍‌ଏସ୍‌ଏ ମିଟିଂ

ଭାରତ ଆସନ୍ତା ସୋମବାରଠାରୁ ଦୁଇଦିନିଆ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତା ବୈଠକର ଆୟୋଜନ କରୁଛି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ । ଏଥିରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ଓ ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରିବେ । ସାମ୍ପ୍ରତିକ ସମୟରେ ସୁରକ୍ଷା ଆଧାରିତ ଆହ୍ୱାନ ଗୁଡ଼ିକର ମୁକାବିଲା ନେଇ ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି ସୁରକ୍ଷା ସମ୍ପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଏବଂ ଏ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଉପରେ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି । ପ୍ରଯୁକ୍ତିବିଦ୍ୟା ଆଧାରିତ ସୂଚନା ଓ ଯୋଗାଯୋଗ କ୍ଷେତ୍ରର ସଠିକ୍ କାର୍ଯ୍ୟାନ୍ୱୟନ ଏବଂ ଆତଙ୍କବାଦ ବିରୋଧୀ ତଥା ସୁରକ୍ଷା ଉପରେ ସମ୍ପ୍ରତି ଅନୁଷ୍ଠିତ ବ୍ରିକ୍ସ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ସମ୍ମିଳନୀର ନିର୍ଯ୍ୟାସ ଉପରେ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି ବୋଲି ମନ୍ତ୍ରଣାଳୟ କହିଛି ।

# ଭାରତ ଓ ଆଫଗାନିସ୍ତାନ ମଧ୍ୟରେ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ତଥା ଶେଷ ପୁରୁଷବର୍ଗ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଜାରି ରହିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଆଫଗାନିସ୍ତାନ ୪ ଓଭରରେ ୧ ୱିକେଟ୍ ବିନିମୟରେ ୧୨ ରନ୍ ସଂଗ୍ରହ କରିଥିଲା ।

ଏହି ଶୃଙ୍ଖଳାରେ ଭାରତ ୨-୦ରେ ଆଗୁଆ ରହି ସିରିଜ୍‌କୁ ଅକ୍ତିଆର କରିସାରିଛି । ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଧର୍ମଶାଳାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ୭ ୱିକେଟ୍‌ରେ ବିଜୟୀ ହୋଇଥିଲା। ପରେ ଲକ୍ଷ୍ନୌରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଅଧିନାୟକ ଶୁଭମନ ଗିଲ ଓ ଇଶାନ କିଶନଙ୍କ ଶତକ ବଳରେ ଭାରତ ୧୭୦ ରନ୍‌ର ବୃହତ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା।

ଏହାପୂର୍ବରୁ ଏହି ଗସ୍ତରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ମଧ୍ୟ ଭାରତ ତିନି ଦିନ ମଧ୍ୟରେ ଗୋଟିଏ ଇନିଂସ ଏବଂ ୩୦୦ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା।

# ଫିଫା ଫୁଟବଲ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବ୍ରାଜିଲ' ହାଇତିକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଏହି

ବିଜୟ ସହ ବ୍ରାଜିଲ ଚଳିତ ବିଶ୍ୱକପ୍ ସଂସ୍କରଣରେ ପ୍ରଥମ ବିଜୟ ହାସଲ କରିଛି । ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ବ୍ରାଜିଲ-ମରକ୍କୋ ମଧ୍ୟରେ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା ।

ଗ୍ରୁପ୍-ଡିର ଅନ୍ୟଏକ ମ୍ୟାଚ୍‌ରେ ଆମେରିକା' ଅଷ୍ଟ୍ରେଲିଆକୁ ୨-୦ ଗୋଲ୍‌ରେ ପରାସ୍ତ କରିଥିଲା । ଅନ୍ୟ ଗ୍ରୁପ୍ ପର୍ଯ୍ୟାୟ ଖେଳଗୁଡ଼ିକ ମଧ୍ୟରେ ଆଜି ତୁର୍କୀ-ପାରାଗୁଏ, ସ୍କଟଲାଣ୍ଡ-ମରକ୍କୋ ଓ ନେଦରଲ୍ୟାଣ୍ଡ୍‌ସ-ସ୍ୱିଡେନ ମଧ୍ୟରେ ମ୍ୟାଚ୍ ଖେଳାଯିବ ।